# Akashvani, Sambalpur

## SAMBALPURI NEWS EVENING BULLETIN

**19 January 2026 - 7.02 pm- 7.12 pm.**

*********************************************

୧- ସାରା ଦେଶେ ଆଏଜ୍ ପାଲନ୍ ହେଲା ସ୍ୱାଧୀନତା ସଂଗ୍ରାମୀ ପାର୍ବତୀ ଗିରିଙ୍କର୍ ଜନ୍ମ ଶତବାର୍ଷିକୀ ।

- ପାର୍ବତୀ ଗିରିଙ୍କର୍ ଜନମ୍ ଠାନ ସମ୍ଲେଇପଦର୍ ଗାଁ ବରପୁତ୍ର ଐତିହ୍ୟ ଗ୍ରାମ ଯୋଜ୍‌ନାଥି ହେବା ସାମିଲ୍ ।

୨- ଦେଶେ ଆୟୁଷ୍ମାନ୍ ଭାରତ୍ ପ୍ରଧାନ୍‌ମନ୍ତ୍ରୀ ଜନଆରୋଗ୍ୟ ଯୋଜ୍‌ନା କାର୍ଡ଼ ବାଂଟ୍‌ବାର୍‌ଥି ଦେଶେ-ଓଡ଼ିଶା ପାଏଲା ପହେଲା ଠାନ୍ ।

୩- ଭୁବ୍‌ନେଶ୍ୱର୍ ନ ଆଏବା ବୁଧବାର୍‌ନୁ ମୁଲ୍ ହେବା ରାଜ୍ୟସ୍ତରୀୟ ମତ୍ସ୍ୟ ଆଉ ପ୍ରାଣୀ ସମାବେଶ୍-୨୦୨୬ ।

ଆଉର୍

୪- ଏନ୍‌ଡିଆର୍‌ଏଫ୍‌ର ଥାପ୍‌ନା ଦିବସ୍ ଅବ୍‌ସରେ ଆଏଜ୍ ବିପର୍ଯ୍ୟୟର୍ ମୁକାବିଲା ଦିଗେ ଏନ୍‌ଡିଆର୍‌ଏଫ୍ ଯବାନ୍ ମାନ୍‌କର୍ ସମର୍ପଣ୍ କେ ସମ୍ମାନ୍ ଜନାଲେ ଦେଶ୍‌ବାସୀ ।

ପାର୍ବତୀ ଗିରି          ଆର୍‌ଏନ୍‌ୟୁ/ ସମ୍ବଲପୁର/ ଏନ୍‌ଏସ୍‌ଡି

ବିଶିଷ୍ଟ ସମାଜ୍‌ସେବୀ, ସ୍ୱାଧୀନତା ସଂଗ୍ରାମୀ ବହ୍ନିକନ୍ୟା ପାର୍ବତୀଗିରିଙ୍କର୍ ଜନମ୍ ଶତବାର୍ଷିକୀ ଆଏଜ୍ ସାରା ଦେଶେ ପାଲନ୍ କରାଯାଉଛେ । ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀ ପାର୍ବତୀଗିରିଙ୍କର୍ ଜୟନ୍ତୀ ଅବ୍‌ସରେ ଶ୍ରଦ୍ଧାଞ୍ଜଳି ଜନେଇକରି ସାମାଜିକ୍ ଗଣମାଧ୍ୟମ୍‌ଥୁ କହିଛନ୍, ଦେଶେ ଔପନିବେଶ ଶାସନ୍‌କେ ଶେଷ୍ କର୍‌ବାର୍ ଲାଗି ହେଇଥିବା ଆନ୍ଦୋଳନ୍‌ଥି ପାର୍ବତୀ ଗିରି ପ୍ରଶଂସୀୟ ଭୂମିକା ନେଇଥିଲେ । ଜନସେବା ଦିଗେ ଆଗ୍ରହ ଆଉ ସ୍ୱାସ୍ଥ୍ୟସେବା, ମହିଳା ସଶକ୍ତୀକରଣ ଆଉ ସଂସ୍କୃତି କ୍ଷେତ୍ରଥୁ ତାଙ୍କର କାମ୍ ଉଲ୍ଲେଖନୀୟ ଆଏ ବଲି ପ୍ରଧାନମନ୍ତ୍ରୀ କହିଛନ୍ । ପ୍ରଧାନ୍‌ମନ୍ତ୍ରୀ ଶ୍ରୀ ମୋଦୀ ଗଲା ମାସେ ତାଙ୍କର୍ ମାସିକ୍ ରେଡ଼ିଓ କାର୍ଯ୍ୟକ୍ରମ୍ ମନ୍ କି ବାତ୍‌ଥି ପାର୍ବତୀ ଗିରିଙ୍କର୍ ଅବଦାନ୍‌କେ ସୁର୍‌ତା କରିକରି କହିଥିଲେ...

(ଭଏସ୍ ଓଭର୍- ପିଏମ୍)

ପାର୍ବତୀ ଗିରିଙ୍କର୍ ଜନମ୍ ଶତବାର୍ଷିକୀ ଅବ୍‌ସରେ ରାଜ୍ୟପାଲ ଡକ୍ଟର ହରିବାବୁ କମ୍ଭମ୍‌ପାଟି, ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ, କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ୍ ପ୍ରମୁଖ ତାଙ୍କୁ ଶ୍ରଦ୍ଧାଞ୍ଜଳି ଜନେଇଛନ୍ ।

ପାର୍ବତୀ ଗିରି- ବର୍‌ଗଡ୍‌ ବର୍‌ଗଡ୍‌ ସମ୍ବାଦଦାତା

ପାର୍ବତୀ ଗିରିଙ୍କର୍ ଜନମ୍ ଜାଗା ବର୍‌ଗଡ୍ ଜିଲ୍ଲା ସମ୍‌ଲେଇ ପଦର ଠାନେ ଆଏଜ୍ ରାଜ୍ୟ ଭାଷା, ସାହିତ୍ୟ ଆଉ ସଂସ୍କୃତି ବିଭାଗ୍ ତର୍‌ଫୁ ତାଙ୍କର୍ ଜନମ୍ ଶତବାର୍ଷିକୀ ସମାରୋହ ପାଲିତ୍ ହେଇଯାଇଛେ । ସମାରୋହଥି ବିଭାଗ୍‌ର ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ୍ ମୁଖ୍ୟଅତିଥି ଭାବେ ଯୋଗ୍ ଦେଇକରି ସମ୍‌ଲେଇପଦର୍‌କେ ରାଜ୍ୟ ସର୍‌କାର୍‌ଙ୍କର୍ ବରପୁତ୍ର ଐତିହ୍ୟ ଗ୍ରାମ ଯୋଜ୍‌ନାଥି ସାମିଲ୍ କର୍‌ବାର୍‌କେ ଘୋଷ୍‌ନା କରିଛନ୍ । ଇତାର୍ ସହେତେ ବର୍‌ଗଡ୍-ବିଜେପୁର୍- ଦୁବାଲ୍‌ବାହାଲ୍ ରାସ୍ତାକେ ପାର୍ବତୀଗିରି ମାର୍ଗ ଭାବେ ନାମକରଣ୍ କରିଛନ୍ । ପାର୍ବତୀଗିରି ଦେଖେଇଥିବା ବାଟ୍‌କେ ଅନୁସରଣ୍ କରିକରି ସମୃଦ୍ଧ ଓଡ଼ିଶା ଗଠନ୍ କର୍‌ମା ବଲି ଇ ଅବ୍‌ସରେ ମନ୍ତ୍ରୀ ଶ୍ରୀ ସୂରଜ୍ ଆହ୍ୱାନ୍ ଦେଇଛନ୍ ।

(ଭଏସ୍ ଓଭର୍- ସୂର୍ଯ୍ୟବଂଶୀ ସୂରଜ୍)

ସମାରୋହଥି ବରଗଡ୍‌ର ବିଧାୟକ୍ ମାନେ, ଜିଲ୍ଲାପାଳ୍ ଆଦିତ୍ୟ ଗୋୟଲ୍, ଆରକ୍ଷୀ ଅଧିକ୍ଷକ୍ ପ୍ରହ୍ଲାଦ୍ ସହାୟ ମୀନା ଆଉ ଅଲ୍‌ଗା ଜିଲ୍ଲାସ୍ତରୀୟ ଅଧିକାରୀମାନେ ଉପସ୍ଥିତ୍ ଥିଲେ ।

পার্বতী গিরি-১ আর্এন্যু/ সম্বলপুর



ଦେଶର୍ ସ୍ୱାଧୀନତା ଆନ୍ଦୋଲନ୍‌ଥି ପ୍ରମୁଖ ଭୂମିକା ନେଇଥିଲେ ବହ୍ନିକନ୍ୟା ପାର୍ବତୀ ଗିରି । ଦେଶ୍ ସ୍ୱାଧୀନ୍ ହେଲା ଉତ୍‌ରୁ ପାର୍ବତୀ ଗିରି ଶିକ୍ଷା, ସ୍ୱାସ୍ଥ୍ୟ ଆଉ ସମାଜ୍ କଲ୍ୟାଣ୍ ଦିଗେ ନିଜର୍ ଜୀବନ୍‌କେ ସମର୍ପି ଦେଇଥିଲେ । ଇ ବାବ୍‌ଦେ ଆକାଶ୍‌ବାଣୀ ସମ୍ବଲ୍‌ପୁର୍ ସମ୍ବାଦ ବିଭାଗ୍ ତର୍‌ଫୁ ଗୁଟେ ସ୍ୱତନ୍ତ୍ର ରିପୋର୍ଟ...

(ଭଏସ୍ ଓଭର୍- ବିସ୍ମିତା ପଧାନ୍)

*୧୯୨୬ ମସିହା ଜାନୁଆରୀ ୧୯ ତାରିଖ୍ ଅବିଭକ୍ତ ସମ୍ବଲ୍‌ପୁର୍ ଜିଲ୍ଲା ବର୍‌ଗଡ଼୍ ସବ୍‌ଡିଭିଜନ୍ ସମଲେଇପଦର୍ ଗାଁ ନ ଜନମ୍ ନେଇଥିଲେ ପାର୍ବତୀଗିରି । ୧୯୪୨ ମସିହା ବେଲ୍‌କେ ମହାତ୍ମାଗାନ୍ଧୀଙ୍କର୍ ଡାକ୍‌ରାଥି ମୁଲ୍ ହେଇଥିବା ଭାରତ୍ ଛାଡ଼୍ ଆନ୍ଦୋଲନ୍‌ଥି ପାର୍ବତୀଗିରି ସକ୍ରିୟ ଭାବେ ଭାଗ୍ ନେଇଥିଲେ । ବ୍ରିଟିଶ୍ ଆଇନ୍ ଅମାନ୍ୟ ଅଭିଯୋଗ୍‌ଥି ସେ ଗିରଫ୍ ହେଇଥିଲେ । ଭିନ୍ ଭିନ୍ ସମିଆଥି ଦେଶର୍ ସ୍ୱାଧୀନତା ଲାଗି ସୁର୍ ସାଜିକରି ସେ ସଜା କାଟିଥିଲେ । ଭାରତ୍ ସ୍ୱାଧୀନତା ହେଲା ଉତ୍‌ରୁ ମହାତ୍ମାଗାନ୍ଧୀଙ୍କର୍ ଦିଗ୍‌ଦର୍ଶନ୍‌ଥି ଭିନ୍ ଭିନ୍ ଗଠନ୍‌ମୂଲକ୍ ଆଉ ସମାଜ୍‌ସେବା କାମ୍‌ଥି ସେ ନିଜ୍‌କେ ସମର୍ପି ଦେଇଥିଲେ । ଓଡ଼ିଶା ନ ଦୁର୍ଭିକ୍ଷ*

*ପଢ଼ିଥିଲା ବେଲ୍‌କେ ପାର୍ବତୀଗିରି ପାଇକ୍‌ମାଲ୍, ପଦମ୍‌ପୁର୍, ଖରିଆର୍, ନୂଆପଡ଼ା ଇଲାକା ନ ବୁଲି ବୁଲି ରିଲିଫ୍ ବାଂଟିଥିଲେ । ୧୯ ଶହ ଛୟସ୍ତର୍ ମସିହା ବେଲ୍‌କେ ପାଇକ୍‌ମାଲ୍ ନୃସିଂହନାଥ ମନ୍ଦିର୍ ପାଖେ ଅନାଥ୍ ଅସହାୟ ମାନ୍‌କର୍ ଲାଗି କସ୍ତୁରବା ଗାନ୍ଧୀ ମହିଳା ଆଉ ବାଲ୍ ନିକେତନ୍ ଥାପ୍‌ନା କରିଥିଲେ । ନିଜେ ସେନ ରହିକରି ପାର୍ବତୀଗିରି ଅନ୍ତେବାସୀମାନ୍‌କୁ ନୈତିକ୍ ଶିକ୍ଷା ଦେଇଥିଲେ । ସାରାଜୀବନ୍ ସମାଜ୍ କଲ୍ୟାଣ୍ ଦିଗେ କାମ୍ କରିକରି ୧୯୯୫ ମସିହା ଅଗଷ୍ଟ ୧୭ ତାରିଖ୍ ଦିନ ପାର୍ବତୀଗିରି ଇହଧାମ୍ ତ୍ୟାଗ କରିଥିଲେ । ଆକାଶ୍‌ବାଣୀ ସମ୍ବଲ୍‌ପୁର୍ ସମ୍ବାଦ ବିଭାଗ୍ ତରଫୁ ବିସ୍ମିତା ପଧାନ୍ ।*

ପାର୍ବତୀ ଗିରି-ଝୁଝୁମୁରା        ସମ୍ବଲପୁର ସମ୍ବାଦଦାତା

ସମ୍ବଲ୍‌ପୁର୍ ଜିଲ୍ଲା ଝୁଝୁମୁରା ସାର୍ ଆଇଜାକ୍ ସାନ୍ତ୍ରା ବାଲ୍ ନିକେତନ୍ ନ ପାର୍ବତୀ ଗିରିଙ୍କର୍ ଜନ୍ମ ଶତବାର୍ଷିକୀ ପାଲନ୍ ହେଇଯାଇଛେ । କାର୍ଯ୍ୟକ୍ରମ୍‌ଥି ପଦ୍ମଶ୍ରୀ ତୁଳସୀ ମୁଣ୍ଡା ମୁଖ୍ୟଅତିଥି ଭାବେ ଯୋଗ୍ ଦେଇଥିଲେ । ଇ ଅବ୍‌ସରେ ରେଢ଼ାଖୋଲ୍ ବିଧାୟକ୍ ଆଉ ଆୟୋଜନ୍ କମିଟିର୍ ସଭାପତି ପ୍ରସନ୍ନ ଆଚାର୍ଯ୍ୟ ଉପସ୍ଥିତ୍ ଥିଲେ ।

ରାଷ୍ଟ୍ରୀୟ ଅଧ୍ୟକ୍ଷ ପଦ୍ ନିର୍ବାଚନ        ଆର୍ଏନ୍ୟୁ/ ସମ୍ବଲପୁର

ଭାରତୀୟ ଜନତା ପାର୍ଟିର ରାଷ୍ଟ୍ରୀୟ ଅଧ୍ୟକ୍ଷ ପଦ୍ ନିର୍ବାଚନ୍ ଲାଗି ଆଏଜ୍ ଉପର୍ବେଲା ମନୋନୟନ ପତ୍ର ଦାଖଲ୍ ପ୍ରକ୍ରିୟା ମୁଲ୍ ହେଇଛେ । ବିଜେପିର୍ ଭାରପ୍ରାପ୍ତ ଅଧ୍ୟକ୍ଷ ନୀତିନ୍ ନବୀନ୍ ଅଧ୍ୟକ୍ଷ ପଦ୍ ଲାଗି ନାମାଙ୍କନ୍ ପତ୍ର ଦାଖଲ୍ କରିଛନ୍ । ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ୍ ଶାହା, ପ୍ରତିରକ୍ଷା ମନ୍ତ୍ରୀ ରାଜ୍ନାଥ୍ ସିଂ, ସ୍ୱାସ୍ଥ୍ୟମନ୍ତ୍ରୀ ଜେ.ପି. ନଡ୍ଡା, ସଡ଼କ୍ ପରିବହନ୍ ମନ୍ତ୍ରୀ ନୀତିନ୍ ଗଡ୍କରୀଙ୍କର୍ ଉପସ୍ଥିତିଥି ଦଲୀୟ ମୁଖ୍ୟାଲୟ ନ ଶ୍ରୀ ନବୀନ୍ ନାମାଙ୍କନ ପତ୍ର ଦାଖଲ୍ କରିଛନ୍ । ଇ ଅବ୍ସରେ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ୍ଙ୍କର୍ ନେତୃତ୍ୱଥି ଓଡ଼ିଶା ବିଜେପିର୍ ଗୁଟେ ପ୍ରତିନିଧି ଦଲ୍ ସାମିଲ୍ ରହିକରି ନୀତିନ୍ ନବୀନ୍ଙ୍କର୍ ପ୍ରାର୍ଥୀପତ୍ରକେ ସମର୍ଥନ୍ କରିଛନ୍ ।

ଆୟୁଷ୍ମାନ୍ ଭାରତ୍ ଯୋଜ୍ନା        ଭୁବ୍ନେଶ୍ୱର୍ ସମ୍ବାଦଦାତା

ଭାରତ୍ର ଫି ଲୁକ୍କୁ ଆର୍ଥିକ୍ ସୁରକ୍ଷା ଆଉ ପ୍ରତିରୋଧକ ମୂଲକ୍ ଚିକିତ୍ସା ସେବା ଯୁଗେଇ ଦେବାର୍ ଲାଗି ସର୍କାର୍ ଚେଷ୍ଟା

ଜାରି ରଖିଛନ୍ ବଲି ସ୍ୱାସ୍ଥ୍ୟମନ୍ତ୍ରୀ ଡାକ୍ତର୍ ମୁକେଶ୍ ମହାଲିଙ୍ଗ୍ କହିଛନ୍ । ଭୁବ୍‌ନେଶ୍ୱର୍ ଠାନେ ହେଇଥିବା ଆୟୁଷ୍ମାନ୍ ଭାରତ୍ ଜନଆରୋଗ୍ୟ ଯୋଜ୍‌ନା ଆଉ ଆୟୁଷ୍ମାନ୍ ଭାରତ୍ ଡିଜିଟାଲ୍ ମିଶନ୍‌ର ଦୁଇ ଦିନିଆ ଚିନ୍ତନ ଶିବିର୍‌ଥି ଯୋଗ୍ ଦେଇକରି ମନ୍ତ୍ରୀ ଶ୍ରୀ ମହାଲିଙ୍ଗ୍ କହିଛନ୍, ବିକଶିତ ଭାରତ୍‌ର ଲକ୍ଷ୍ୟ ପୁରା କର୍‌ବାର୍ ଲାଗି ସର୍‌କାର୍ ଜିଡ଼ିପିର ୨ ଦଶ୍‌ମିକ୍ ୬ ପ୍ରତିଶତ୍ ସ୍ୱାସ୍ଥ୍ୟ କ୍ଷେତ୍ରଥି ଖର୍ଚ୍ଚା କରୁଛନ୍ । ଆୟୁଷ୍ମାନ୍ ଭାରତ୍ ଯୋଜ୍‌ନାଥି ୪୨ ପ୍ରତିଶତ୍ ଲୋକ୍ ସାମିଲ୍ ଅଛନ୍ । 'ସୁସ୍ଥ ଓଡ଼ିଶା ଆଉ ବିକଶିତ ଓଡ଼ିଶା'ର ବାର୍ତା ନେଇକରି ଓଡ଼ିଶାର୍ ସର୍‌କାର କାମ୍ କରୁଛନ୍ ବଲି ଶ୍ରୀ ମହାଲିଙ୍ଗ୍ କହିଛନ୍ ।

ପ୍ରାଣୀ ସମାବେଶ୍ ଆଇ.ଆଣ୍ଡ୍.ପି.ଆର୍

ରାଜ୍ୟ ମତ୍ସ୍ୟ ଆଉ ପ୍ରାଣୀସମ୍ପଦ୍ ବିଭାଗ୍ ତର୍‌ଫୁ ଆଏବା ବୁଧବାର୍ ଦିନ ଭୁବ୍‌ନେଶ୍ୱର୍ ଜନତା ମଇଦାନ୍ ନ ରାଜ୍ୟସ୍ତରୀୟ ମତ୍ସ୍ୟ ଆଉ ପ୍ରାଣୀ ସମାବେଶ୍-୨୦୨୬ ଆୟୋଜନ୍ କରାଯିବା । ଇ ବଛର୍ ଇ ଦିବସ୍‌ର ବାର୍ତା 'ମତ୍ସ୍ୟପ୍ରାଣୀ ଏବେ ନୂତନ ଦିଶା, ବିକଶିତ ହେବ ଆମ ଓଡ଼ିଶା' ରଖାଯାଇଛେ । ୨୩ ତାରିଖ୍‌ତକ୍ ହେବାର୍‌କେ

ଥିବା  ସମ୍ମିଳନୀଥି ୨ ଶହ ୮ ଟା ଷ୍ଟଲ୍ ଜରିଏ ମତ୍ସ୍ୟ ଆଉ ପ୍ରାଣୀ ସମ୍ପଦ୍ ବିଭାଗ୍ ସହେତେ ରାଜ୍ୟ ସର୍କାର୍ଙ୍କର୍ ଭିନ୍ ଭିନ୍ ବିଭାଗ୍ ଆଉ ବେସର୍କାରୀ ଅନୁଷ୍ଠାନ୍ ମାନ୍କର୍ ବିକାଶ୍ ମୂଲକ୍ କାର୍ଯ୍ୟକ୍ରମ୍ ମାନ୍କର୍ ପ୍ରଦର୍ଶନୀ କରାଯିବା । ଉଦ୍ଘାଟନୀ ସମାରୋହଥି ମୁଖ୍ୟମନ୍ତ୍ରୀ ଆଉ ଉଦ୍ଯାପନୀ ସମାରୋହଥି ରାଜ୍ୟପାଲ୍ ଯୋଗ୍ ଦେବେ ବଲି ଭୁବ୍ନେଶ୍ୱର୍ ନ ଆଏଜ୍ ଗୁଟେ ସାମ୍ବାଦିକ୍ ସମ୍ମିଳନୀଥି ବିଭାଗ୍ର ମନ୍ତ୍ରୀ ଗୋକୁଲାନନ୍ଦ ମଲ୍ଲିକ୍ କହିଛନ୍ ।

ପୂର୍ତ ବିଭାଗ୍- ସମୀକ୍ଷା          ଆଇ.ଆଣ୍ଡ୍.ପି.ଆର୍

ଭୁବ୍ନେଶ୍ୱର୍ ନ ଆଏଜ୍ ପୂର୍ତ ବିଭାଗ୍ର ପ୍ରମୁଖ ଶାସନ୍ ସଚିବ ସଞ୍ଜୟ କୁମାର୍ ସିଂଙ୍କର୍ ଅଧକ୍ଷତାଥି ବିଭାଗ୍ର ଭିନ୍ ଭିନ୍ ରାସ୍ତା ପ୍ରକଳ୍ପର୍ ସମୀକ୍ଷା ବୈଠକ୍ ହେଇଯାଇଛେ । ବୈଠକ୍ଥି ରାଜ୍ଧାନୀ ଭୁବ୍ନେଶ୍ୱର୍ ପାଖେ ତିଆର୍ ହେବାର୍କେ ଥିବା ଶହେ ୧୧ କିଲୋମିଟର୍ ଲମ୍ବା କେପିଟାଲ୍ ରିଜିଅନ୍ ରିଂରୋଡ଼୍ ତିଆର୍, କଟକ୍-ଭୁବ୍ନେଶ୍ୱର୍- ଜଗତ୍ସିଂହପୁର୍-ପାରାଦୀପ୍ ରାସ୍ତା, କୋରାପୁଟ୍-ମୋହନା ରାସ୍ତା ପ୍ରକଳ୍ପ ବାବ୍ଦେ ସମୀକ୍ଷା କରାଯାଇଥିଲା ।

ଏନ୍‌ଡିଆର୍‌ଏଫ୍ ପ୍ରତିଷ୍ଠା ଦିବସ ଆର୍‌ଏନ୍‌ୟୁ/ ସମ୍ବଲପୁର

ଜାତୀୟ ବିପର୍ଯ୍ୟୟ ପ୍ରଶମନ ବଳ- ଏନ୍‌ଡିଆର୍‌ଏଫ୍ ର ଆଏଜ୍ ହେଉଛେ ୨୧ ନମ୍ବର୍ ଥାପ୍‌ନା ଦିବସ୍ । ଦେଶେ ହର୍‌ରକ୍‌ମର୍ ପ୍ରାକୃତିକ ଆଉ ମନୁଷକୃତ ବିପର୍ଯ୍ୟୟର୍ ମୁକାବିଲା ଲାଗି ୨୦୦୬ ମସିହା ଜାନୁଆରୀ ୧୯ ତାରିଖ୍ ଦିନ ଭାରତ୍ ସର୍‌କାର୍‌ଙ୍କର୍ ତର୍‌ଫୁ ବହୁମୁଖୀ ଦକ୍ଷତା ଥିବା ସ୍ୱତନ୍ତ୍ର ବଳ ଗଠନ୍ କରାଯାଇଥିଲା । ବିପର୍ଯ୍ୟୟର୍ ମୁକାବିଲା ଦିଗେ ଏନ୍‌ଡିଆର୍‌ଏଫ୍ ଯବାନ୍ ମାନ୍‌କର୍ ଅକ୍ଳାନ୍ତ ପରିଶ୍ରମ ଆଉ ସମର୍ପଣ୍ ମନୋଭାବ୍‌କେ ସମ୍ମାନ୍ ଜନେଇକରି ଆଜିରର୍ ଦିନେ ଏନ୍‌ଡିଆର୍‌ଏଫ୍‌ର ଥାପ୍‌ନା ଦିବସ୍ ପାଲନ୍ କରାଯାଏସି । ଇ ବଛର୍ ଇ ଦିବସ୍‌ର ବାର୍ତା ରହିଛେ 'ଗୁଟେ ସ୍ଥିର୍ ଭାରତ୍ ଲାଗି ଶକ୍ତି, ସେବା ଆଉ ପ୍ରସ୍ତୁତି' ।

ଭକ୍ତକବି ମଧୁସୂଦନ୍ ରାଓ ଜୟନ୍ତୀ ଆର୍‌ଏନ୍‌ୟୁ/ ସମ୍ବଲପୁର/ଏକ୍ସ

ଓଡ଼ିଆ ଭାଷାର୍ ସୁରକ୍ଷା ଆଉ ସମୃଦ୍ଧିର୍ ମେରୁଖୁମ୍ ଭକ୍ତକବି ମଧୁସୂଦନ୍ ରାଓଙ୍କର୍ ଜୟନ୍ତୀ ଆଏଜ୍ ସାରା ରାଏଜେ

ପାଳନ୍ କରାଯାଉଛେ । ଓଡ଼ିଆ ଅକ୍ଷର ସାଙ୍ଗେ ରାଜ୍ୟବାସୀଙ୍କୁ ପରିଚିତ କରେଇଥିବା ବର୍ଣ୍ଣବୋଧର ସ୍ରଷ୍ଟା ହେଉଛନ୍ ଭକ୍ତକବି ମଧୁସୂଦନ୍ ରାଓ । ଓଡ଼ିଆ ଶିକ୍ଷା ଆଉ ସାହିତ୍ୟ ଜଗତ୍‌କେ ତାଙ୍କର୍ ଅବଦାନ୍ ରାଜ୍ୟବାସୀ ସବୁବେଲେ ସୁର୍‌ତା କର୍‌ବେ ବଲି ଇ ଅବ୍‌ସରେ ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ କହିଛନ୍ ।

ଆଇଆଇଏମ୍ ସମ୍ବଲ୍‌ପୁର୍- ତାଲିମ୍        ସମ୍ବଲପୁର ସମ୍ବାଦଦାତା

ବିକଶିତ ଭାରତ -୨୦୪୭ ଲକ୍ଷ୍ୟ ହାସଲ୍ ଲାଗି ଅନୁସୂଚିତ ଜାତି ଆଉ ଜନଜାତି ଉଦ୍ୟମୀ ମାନ୍‌କୁ ଆବଶ୍ୟକ ବ୍ୟବସାୟିକ, ଆର୍ଥିକ ଆଉ ଡିଜିଟାଲ୍ ଦକ୍ଷତା ତାଲିମ୍ ଦେବାର୍ ଲାଗି ଆଇଆଇଏମ୍ ସମ୍ବଲ୍‌ପୁର୍ ତର୍‌ଫୁ ଗ୍ରାମୀଣ ଉଦ୍ୟମୀ ମାନ୍‌କର୍ ଗୁଟେ ତାଲିମ୍ କାର୍ଯ୍ୟକ୍ରମ୍ ହେଇଯାଇଛେ । ଇ ତାଲିମ୍ ଶିବିର୍‌ଥି ୧୨ ଦିନ୍‌ତକ୍ ପ୍ରଶିକ୍ଷଣ୍ ଦିଆଯିବା । ତାର୍ ଉତ୍‌ରୁ ତାଲିମ୍ ନେଇଥିବା ଲୁକ୍‌କୁ ୬ ମାସ୍‌ତକ୍ ମାର୍ଗଦର୍ଶନ୍ ଦିଆଯିବା ।

ରୁଫ୍‌ଟପ୍ ସୋଲାର୍ ପ୍ରକଳ୍ପ        ଦେବ୍‌ଗଡ୍ ସମ୍ବାଦଦାତା

ଦେବ୍‌ଗଡ୍ ଜିଲ୍ଲା ତିଲେଇବଣି ବ୍ଲକ୍ ପରିସର୍ ନ ଟିପିଡବ୍ଲୁଓଡିଏ୍ ତର୍‌ଫୁ ଆଏଜ୍ ପ୍ରଧାନ୍‌ମନ୍ତ୍ରୀ ସୂର୍ଯ୍ୟଘର ମୁକ୍ତି ଯୋଜ୍‌ନା ଅଧୀନ୍‌ଥି ୧ କିଲୋୱାଟ୍ ଛାତ୍‌ଉପ୍‌ରେ ସୌରଶକ୍ତି ବ୍ୟବସ୍ଥାର୍ ଉଦ୍‌ଘାଟନ୍ କରାଯାଇଛେ । କାର୍ଯ୍ୟକ୍ରମ୍‌ଥି ଜିଲ୍ଲାପାଲ୍ କବୀନ୍ଦ୍ର କୁମାର୍ ସାହୁ ମୁଖ୍ୟଅତିଥି ଭାବେ ଯୋଗ୍ ଦେଇକରି ପ୍ରକଳ୍ପର୍ ଉଦ୍‌ଘାଟନ୍ କରିଛନ୍ । ଇ ଅବ୍‌ସରେ ତିଲେଇବଣି ପଂଚାୟତ୍‌ର ୬ ଝନ୍ ଉପଭୋକ୍ତାଙ୍କୁ ସମ୍ବର୍ଦ୍ଧିତ୍ କରାଯାଇଥିଲା ।

ସ୍ନେହସେତୁ ଅଭିଯାନ ଝାର୍‌ସୁଗୁଡ଼ା ସମ୍ବାଦଦାତା

ଅଲଗ୍ ହେଇଥିବା ଫେର୍‌ଗୁଟେ ପରିବାର୍‌କେ ଆଏଜ୍ ଝାର୍‌ସୁଗୁଡ଼ା ଜିଲ୍ଲା ପ୍ରଶାସନ୍ ତର୍‌ଫୁ ସ୍ନେହସେତୁ ଅଭିଯାନ୍ ଜରିଏ ମିଶାଯାଇଛେ । ଝାର୍‌ଖଣ୍ଡ୍‌ର ଝନେ ମାନସିକ ଅସୁସ୍ଥ ମହିଳା ୨ ବଛର୍ ୯ ମାସ୍ ହେଲା ନିଖୋଜ୍ ହେଇଯାଇଥିଲେ । ୨୦୨୩ ମସିହା ବେଲ୍‌କେ ଗୁଟେ ଏନ୍‌ଜିଓ ଜରିଏ ତାଙ୍କୁ ମିଶନ୍ ଆଶ୍ରା କେ ଅନାଯାଇଥିଲା । ସେ ସୁସ୍ଥ ହେଲା ଉତ୍‌ରୁ ଆଉ ତାଙ୍କର୍ ପରିବାର୍‌ର ପରିଚୟ ପାଏବାର୍ ଉତ୍‌ରୁ

ଝାର୍ସୁଗୁଡ଼ା ଜିଲ୍ଲା ପ୍ରଶାସନ୍ ତର୍ଫୁ ଆଏତ୍ ତାଙ୍କୁ ପରିବାର୍ ଲୁକ୍କୁ ହସ୍ତାନ୍ତର୍ କରାଯାଇଛେ ।

ଲୋକ୍ମହୋତ୍ସବ୍ - ଉଦ୍ଘାଟିତ ବୌଦ୍ଧ ସମ୍ବାଦଦାତା

ବୌଦ୍ଧ ଜିଲ୍ଲା ବୀର୍ନରସିଂହପୁର୍ ଠାନେ ଗଡ଼ଜାତ ଲୋକ୍ମହୋତ୍ସବ୍ ଆଉ ପଲ୍ଲିଶ୍ରୀ ମେଲା ଉଦ୍ଘାଟିତ୍ ହେଇଯାଇଛେ । ମହୋତ୍ସବ୍ ଆଘୋନୁ ସୁବର୍ଣ୍ଣେଶ୍ୱର ଶିବ ମନ୍ଦିର୍ନୁ ଆଜ୍ଞାମାଳ ନେଇକରି ଗୁଟେ ସାଂସ୍କୃତିକ୍ ଶୋଭଯାତ୍ରା ମହୋତ୍ସବ୍ ପଡ଼ିଆକେ ପୁହୁଁଚିଥିଲା । ମହୋତ୍ସବ୍ କମିଟିର୍ ସଭାପତି ବିଶ୍ୱଜିତ୍ ମିଶ୍ରଙ୍କର୍ ଅଧ୍ୟକ୍ଷତାଥି ହେଇଥିବା ଉଦ୍ଘାଟନୀ ସମାରୋହଥି ସୁବର୍ଣ୍ଣପୁର୍ ଜିଲ୍ଲାପାଲ୍ ନୃପରାଜ୍ ସାହୁ ମୁଖ୍ୟଅତିଥି ଭାବେ ଯୋଗ୍ ଦେଇଥଲେ ।

ଲାଲ୍ମନୀ କ୍ରିକେଟ୍ କପ ସୁବର୍ଣ୍ଣପୁର୍ ସମ୍ବାଦଦାତା

ସୁବର୍ଣ୍ଣପୁର୍ ଜିଲ୍ଲା ସଦର୍ ଗାନ୍ଧୀ ପଡ଼ିଆ ନ ଆଏଜ୍ ୩୭ ନମ୍ବର୍ ସର୍ବଭାରତୀୟ ଲାଲ୍ମନୀ କ୍ରିକେଟ୍ କପ୍-୨୦୨୬ ଉଦ୍ଘାଟିତ୍ ହେଇଯାଇଛେ । ଜିଲ୍ଲା କ୍ରିକେଟ୍ ସଂଘ ତର୍ଫୁ

ହେଇଥିବା ଟୁର୍ଣ୍ଣାମେଂଟ୍‌ରେ ଇଥର ରାଜ୍ୟ ଆଉ ରାଜ୍ୟ ବାହାରର୍ ୯ ଟା ଦଲ୍ ଭାଗ୍ ନେଇଛନ୍ । ଆଏଜ୍ ଉଦ୍‌ଘାଟନୀ ମେଚ୍‌ରେ ବଲାଙ୍ଗିର୍ ୟଙ୍ଗ୍ ଷ୍ଟାର୍ କ୍ରିକେଟ୍ କ୍ଲବ୍, ୩୯ ରନ୍‌ରେ ସୁବର୍ଣ୍ଣପୁର୍ ଜିଲ୍ଲା କ୍ରିକେଟ୍ ସଂଘ ଦଲ୍‌କେ ହରେଇଛେ ।